## ଆଜି କ'ଣ କେଉଁଠି

ରାୟଗଡ଼ା
- ବିଶ୍ୱ ପ୍ରାଣୀଧନ ଦିବସ ଉପଲକ୍ଷେ ଶୋଭାଯାତ୍ରା, ସ୍ଥାନ- ସଂସ୍କୃତି ଭବନ, ସମୟ-ସକାଳ ୭ଟା
- ପ୍ରାଣୀ ଚିକିତ୍ସା ବିଭାଗର ବୈଠକ, ସ୍ଥାନ- ହୋଟେଲ ଲୋଟସ୍ ପାରାଡାଇଜ୍, ସମୟ- ପୂର୍ବାହ୍ନ ସାଢ଼େ ୧୦ଟା

## ସଂକ୍ଷେପରେ

### ପଞ୍ଚାୟତ ସମିତି ବୈଠକ



ପଦ୍ମପୁର,୨୮।୪(ଡି.ଏନ୍.ଏ.)-ପଦ୍ମପୁର ପଞ୍ଚାୟତ ସମିତି ବୈଠକ ଶୁକ୍ରବାର ବ୍ଲକ ସଦଭାବନା କକ୍ଷରେ ବ୍ଲକ ଅଧକ୍ଷା ମଣିମାଳା ଶବରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁଣୁପୁର ବିଧାୟକ ରଘୁନାଥ ଗମାଙ୍ଗୋ ଯୋଗ ଦେଇ ବିଭିନ୍ନ ଉନ୍ନୟନ କାମ ଏବଂ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୀନା ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ପ୍ରମିଳା ବେହେରା, ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁସ୍ମିତା ରଥ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଅଜୟ କୁମାର ଦାସ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ରାଜୀବ ସାହୁଙ୍କ ସମେତ ସମସ୍ତ ସମିତି ସଦସ୍ୟ, ସରପଞ୍ଚ, ୨ ଜିଲା ପରିଷଦ ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ ।

### ବାଲି ଚାଲାଣ ଅଭିଯୋଗ ପରେ ପୋଲିସର ଧରପଗଡ

ଗୁଣପୁର,୨୮।୪(ଡି.ଏନ.ଏ)-ଗୁଣପୁର ନିକଟସ୍ଥ ବଂଶଧାରା ନଦୀରୁ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେବାପରେ ପୋଲିସ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର ବିଳମ୍ବିତ ରାତିରେ ଏକ ଚୋରା ବାଲି ବୋଝେଇ ଟ୍ରାକ୍ଟରକୁ ପୋଲିସ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରାଯାଇଛି । ଗତ ୧୯ ତାରିଖରେ ଗୁଣପୁର ବାଲି ଖାଦାନ-୨ର ଲିଜ ଧାରି ଶିବାଷିଶ ସାହୁ ଥାନାରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଥିଲା ଯେ ସେ ଲିଜ ନେଇଥିଲେ ମଧ ନଦୀର ଲିଜ ଅଞ୍ଚଳ ବାହାରୁ ଯଥା ଗାଦିଆଖଲା, ତୁର୍କାନିଗୁଡା, ଲିମାମେଡା ସ୍ଥିତ ସାନନଦୀ ଏବଂ ଭାରସିଂ ଅଞ୍ଚଳରୁ ବହୁ ପରିମାଣରେ ବାଲି ଚାଲାଣ ହେଉଛି। ଏହାଦ୍ୱାରା ସରକାରଙ୍କୁ ବ୍ୟାପକ ପରିମାଣରେ ରାଜସ୍ୱ ହରାଇବାକୁ ପଡିଛି । ବାଲି ଚୋରା ଚାଲାଣକାରୀମାନେ ମାଲାମାଲ ହେଉଥିବାବେଳେ ସେ କ୍ଷତି ସହୁଛନ୍ତି। ରାତ୍ର ୧୨ ଟାରୁ ସକାଳ ୬ ଟା ସମୟ ମଧରେ ଶହ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି । ପୋଲିସ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଶିବାଶିଷ ଗୁଣପୁର ଏସଡିପିଓ ଏବଂ ଆଇଆଇସିଙ୍କ ଠାରେ ଅଭିଯୋଗ କରିଥିଲେ। ଅଭିଯୋଗର ୮ ଦିନ ପରେ ପୋଲିସ ତତ୍ପରତା ଦେଖାଇଛି। ଅନ୍ୟପଟେ ଦୀର୍ଘ ମାସ ମାସ ଧରି ବେଆଇନ ତଥା ଚୋରାରେ ବାଲି ଚାଲାଣ ହେଉଥିଲେ ମଧ ରାଜସ୍ୱ ବିଭାଗ କି ପୋଲିସ ପାଖରେ କିପରି କୌଣସି ଖବର ନଥିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

### ବଜ୍ରପାତରେ ୩ ମଇଁଷି ମୃତ

ସେମିଲିଗୁଡା/ସୁନାବେଡା,୨୮।୪ (ସ୍ୱ.ପ୍ର)-ସେମିଲିଗୁଡା ବ୍ଲକ କାଣ୍ଟି ପଞ୍ଚାୟତ ଅଧିନ ଟାଙ୍କୁବେଡ଼ା ଗାଁରେ ବଜ୍ରପାତରେ ୩ ମଇଁଷିଙ୍କ ମୃତ୍ୟୁ ହୋଇଛି। ଅପରାହ୍ନ ପ୍ରାୟ ୩ ଟାରେ ମଇଁଷିପଲ ପଡିଆରେ ଚରୁଥିବା ବେଳେ କାଳବୈଶାଖୀ ଯୋଗୁ ପ୍ରବଳବର୍ଷା ସହ ବିଜୁଳି ଘଡଘଡି ହୋଇଥିଲା। ଏହି ସମୟରେ ବଜ୍ରପାତ ହେବାରୁ ୩ଟି ମଇଁଷିଙ୍କ ମୃତ୍ୟୁ ଥିଲା। ମୃତ ମଇଁଷିଗୁଡିକ ଟାଙ୍କୁବେଡା ଗାଁର ହରି ଯାନୀଙ୍କର ବୋଲି ଜଣାପଡିଛି।

# ସକାଳୁଆ ଅଫିସ: ମଧ୍ୟାହ୍ନ ଯାଏ କର୍ମଚାରୀଙ୍କ ଦେଖାମିଳୁନି

ରାୟଗଡ଼ା,୨୮।୪(ସ୍ୱ.ପ୍ର.)




ଖରାତାତିକୁ ନଜରରେ ରଖି ରାଜ୍ୟ ସରକାର ଅଧିକାଂଶ ସରକାରୀ କାର୍ଯାଳୟ ସକାଳୁଆ ଖୋଲିବା ପାଇଁ ଘୋଷଣା କରିଛନ୍ତି । ହେଲେ ଅଧିକାରୀ ଓ କର୍ମଚାରୀମାନେ ଠିକ୍ ସମୟରେ କାର୍ଯାଳୟରେ ପହଞ୍ଚୁ ନ ଥିବା ଦେଖାଯାଉଛି। ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ସେମାନଙ୍କ ଚୌକି ଖାଲି ପଡୁଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲାର ସମସ୍ତ ଅଧିକାରୀଙ୍କ କାର୍ଯ୍ୟାଳୟରେ ମାଳ ମାଳ କର୍ମଚାରୀ ଥିଲେ ମଧ କାର୍ଯ୍ୟାଳୟ ଖାଲି ପଡ଼ି ରହୁଛି। ଲୋକେ ନିଜ କାର୍ଯ୍ୟ ପାଇଁ ଭୋରରୁ ଆସି ଅପେକ୍ଷା କରି ରହୁଛନ୍ତି । ସେପଟେ ବିଭିନ୍ନ ବିଭାଗର କିରାଣିଙ୍କଠାରୁ ଆରମ୍ଭ କରି ଅନ୍ୟ କର୍ମଚାରୀମାନେ ଘର କାମ ସାରି କାର୍ଯାଳୟକୁ ଆସୁଛନ୍ତି । ପୁଣି ଅଫିସ ଅପରାହ୍ନ ୧ଟାରେ ଛୁଟି ହୋଇଯାଉଛି। ଏଥିପ୍ରତି କାହାରି ନଜର ପଡୁନି ।

ବୁଧବାର ରାୟଗଡ଼ା ଜିଲା ସଦର ମହକୁମାର ବିଭିନ୍ନ କାର୍ଯ୍ୟାଳୟରେ କର୍ମଚାରୀମାନଙ୍କ ଚୌକି ଖାଲି ପଡ଼ି ଥିବା ଦେଖାଯାଇଥିଲା। ଜିଲାପାଳଙ୍କ କାର୍ଯାଳୟଠାରୁ ଆରମ୍ଭ କରି ଫେକ୍ଟୋରି ଓ ବଏଲର ବିଭାଗ, ବୈଧମାପ ବିଭାଗ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଦେଖା ମିଳି ନ ଥିଲା । ସେହିପରି ଜିଲା ଶିକ୍ଷା ବିଭାଗ, ମଙ୍ଗଳ ବିଭାଗ, ପୂର୍ତ୍ତ ବିଭାଗ, ଜିଲା ପରିଷଦ କାର୍ଯ୍ୟାଳୟ ଆଦ ସକାଳ ସମୟରେ ଖୋଲା ରହୁଥିଲେ ମଧ କର୍ମଚାରୀ ଠିକ୍ ସମୟରେ ଆସୁନାହାନ୍ତି। ଯାହା ଫଳରେ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ସହ ବିଳମ୍ବରେ ଆସୁଥିବା ଏବଂ ଆଦୌ ଅଫିସ ଆସୁ ନ ଥିବା କର୍ମଚାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

# ମେଗା ପ୍ରାଣୀ ଚିକିତ୍ସା ଶିବିର




ଛେଳି ମେଣ୍ଢାଙ୍କ ଟିକାକରଣ କରାଯାଉଛି ।

ମାଥିଲି/ମାଲକାନଗିରି, ୨୮।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ମାଥିଲି ବ୍ଲକ ମାଡକାମିଗୁଡା ଠାରେ ମେଗା ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଅଶୋକ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ସହକାରୀ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଲକ୍ଷ୍ମୀଧର ବେହେରା, ଉପପ୍ରାଣୀ ଚିକିତ୍ସାଧିକାରୀ ବିଜୟ ପଟ୍ଟନାୟକ, ବିପଦଚରଣ ବିଶ୍ୱାଳ, ମାଥିଲି ଭେଟନାରୀ ସର୍ଜନ ମନୋଜ କୁମାର ଦାସ, ଜିଲା ପରିଷଦ ସଭ୍ୟା ସସ୍ମିତା ମାଝୀ, ଅଂଶଗ୍ରହଣ କରିଥିଲେ। ଶିବିରରେ ଆଖପାଖ ଅଞ୍ଚଳର ୧୦ଟି ଗ୍ରାମର ଗୃହପାଳିତ ପ୍ରାଣୀମାନଙ୍କୁ ଚିକିତ୍ସା କରାଯାଇଥିଲା। ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ତ୍ରିପାଠୀ ଉପସ୍ଥିତ ଗୋପାଳକମାନଙ୍କୁ ଖରାଦାଉରୁ ପ୍ରାଣୀ ସମ୍ପଦଙ୍କ କିପରି ଯତ୍ନ ନିଆଯିବ ସେ ସମ୍ବନ୍ଧରେ ବୁଝାଇଥିଲେ। ସେହିପରି ଜିଲା ସଦର ମହକୁମା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ତ୍ରିପାଠିଙ୍କ ଅଧକ୍ଷତାରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଉପସଭାପତି ପତିତପାବନ ବୈଦ୍ୟ, ଜିଲା ଆରକ୍ଷୀ ଅଧିକ୍ଷକ କାର୍ଯ୍ୟାଳୟର ଆରକ୍ଷୀ ଅଧିକାରୀ ହିମାଂଶୁ ବାରିକସ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ପ୍ରମୁଖ ଯୋଗ ଦେଇ ଜିବେ ନିଷ୍ଠୁରତା ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଣୀ ସମ୍ପଦ ବିଭାଗର ଏଡିଭିଓ, ଏସ୍‌ଡିଭିଓ, କୋରୁକୋଣ୍ଡା, କାଲିମେଳା ଡିଭିଓଙ୍କ ସହ ପୋଲିସ ବିଭାଗ, ଶିକ୍ଷା ବିଭାଗ, ଆର୍‌ଟିଓ ଅଫିସର କର୍ମକର୍ତ୍ତା, ମାଲକାନଗିରି ପୌର ପରିଷଦ କର୍ମକର୍ତ୍ତାଙ୍କ ସହ ବାଲିମେଳା ଶ୍ରୀଲକ୍ଷ୍ମୀ ନାରାୟଣ ଗୋଶାଳାର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ୩ ବର୍ଷ ହେଲା ଭୁଶୁଡ଼ିଛି ପୋଲ, ଲୋକେ ହନ୍ତସନ୍ତ

ମାଥିଲି,୨୮।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକ କୁଟୁନିପାଲି ପଞ୍ଚାୟତ ଖଡକିଆଝଡି ଗ୍ରାମ ନିକଟ ଦେଇ ଯାଇଥିବା ଏକ ନଦୀ ଉପରେ ନିର୍ମିତ ଏକ ପୋଲ ୩ ବର୍ଷ ଭୁଶୁଡ଼ି ପଡ଼ିଛି। ଫଳରେ ଲୋକେ ଯାତାୟାତରେ ବହୁ ଅସୁବିଧା ଭୋଗୁଛନ୍ତି। ଏଥିପ୍ରତି ପ୍ରଶାସନର ନଜର ନାହିଁ। ସମସ୍ୟା ସମାଧାନ ପାଇଁ ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଜଣେଇ ଆସୁଥିଲେ ମଧ କୌଣସି ସୁଫଳ ମିଳିନାହିଁ ।

ଖଡକିଆଝଡି ଗ୍ରାମ ନିକଟ ନଦୀ ଉପରେ ହୋଇଥିବା ପୋଲ ଦେଇ ୩ଟି ଗ୍ରାମର ଲୋକେ ଯାତାୟତ କରି ଆସୁଥିଲେ । ପୋଲ ନ ଥିବା ସମୟରେ ଏହି ଅଞ୍ଚଳର ଲୋକେ ଯାତାୟତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଗର୍ଭବତୀ କିମ୍ବା ଅନ୍ୟ କୌଣସି ରୋଗୀକୁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବାକୁ ହେଲେ ଭାରରେ ବେହି ନଦୀ ପାର କରାଯାଉଥିଲା। ବର୍ଷା ଦିନ ଆସିଲେ ୩ଟି ଗ୍ରାମର ଲୋକେ ବାହ୍ୟ ଜଗତରୁ ବିଚ୍ଛିନ୍ନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ସରକାରଙ୍କ ତରଫରୁ ଏକ ପୋଲ ନିର୍ମାଣ କରାଗଲା । କିନ୍ତୁ ଏହା ନିର୍ମାଣର ବର୍ଷେ ନ ଯାଉଣୁ ଭୁଶୁଡ଼ି ପଡ଼ିଲା। ଅଞ୍ଚଳର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଜିଲା ପ୍ରଶାସନ ମଧ ଅଞ୍ଚଳର ଉନ୍ନତି ଲାଗି ଧ୍ୟାନ ଦେଉଛି । କିନ୍ତୁ କେତେଜଣ ଅସାଧୁ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ଅତି ନିମ୍ନମାନର ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି । ୩ ବର୍ଷ ହେଲା ପୋଲ ଭୁଶୁଡ଼ି ଥିଲେ ମଧ ଆଉ ନିର୍ମାଣ କରାଯାଉନି। ଏହି ଅଞ୍ଚଳର ଦୁଃଖ ପ୍ରଶାସନ କେବେ ବୁଝୁଛି ତାହା ଦେଖିବାର ବାକି ରହିଲା।



ଭାଙ୍ଗି ପଡିଥିବା ପୋଲ ।

# ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା

ଗୁଣପୁର,୨୮।୪(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳ ସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଓ ରାୟଗଡା ଜିଲା ସ୍ତରୀୟ ବିଦ୍ୟା ମନ୍ଦିରର ବିଭାଗ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲା କାର୍ଯ୍ୟବାହ ଦିଲୀପ କୁମାର ପଣ୍ଡା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ସଂକୁଳ ପ୍ରମୁଖ ଜଗନ୍ନାଥ ପଟ୍ଟନାୟକ ଅନୁଷ୍ଠାନର ସମ୍ପାଦକ ସୋମନାଥ ଗୌଡ, ଉପସଭାପତି ମୀନକେତନ ପଣ୍ଡା , ଯୁଗ୍ମ ସମ୍ପାଦକ ମୋହନ ଚନ୍ଦ୍ର ସାହୁ ଓ କୋଷାଧକ୍ଷ ପି ଗୋବିନ୍ଦ ରାଓ ଉପସ୍ଥିତ ରହିଥିଲେ । ଶିକ୍ଷା ବିକାଶ ସମିତିର ଦକ୍ଷିଣ ସଂଭାଗର କୋରାପୁଟ ବିଭାଗ ନିରୀକ୍ଷକ ସୁବ୍ରତ ପଟ୍ଟନାୟକ ଉପସ୍ଥିତ ରହି କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରତିପାଦନ କରିଥିଲେ । ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ତଥା ଗୁଣପୁର ସଂକୁଳ ସଂଯୋଜକ ପ୍ରଫୁଲ୍ଲ କୁମାର ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟା ମମତା ମିଶ୍ର ସଂଯୋଜନା କରିଥିଲେ । ପୁର୍ବତନ ସଭାପତି ଲଳିତ କୁମାର ବୈଦ୍ୟଭୂଷଣ ଓ ସମାଜସେବୀ ଅମ୍ବିକା ରାଣୀ ମହାପାତ୍ର ଉପସ୍ଥିତ ରହିଥିଲେ । ସଂପାଦକ ସୋମନାଥ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟଶାଳାରେ ଗୁଣପୁର ସଂକୁଳ ଓ ରାୟଗଡା ଜିଲ୍ଲାର ୧୨ଟି ବିଦ୍ୟାଳୟରୁ ମୋଟ ୯୫ ଜଣ ଆଚାର୍ଯ୍ୟ, ଆଚାର୍ଯ୍ୟା ଯୋଗ ଦେଇଥିଲେ । ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଶୈକ୍ଷିକ କାଳାଂଶ ଗୁଡିକର କ୍ରିୟାନ୍ୱୟନ ବିଷୟରେ କାର୍ଯ୍ୟଶାଳା ହୋଇଥିଲା ।

# ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ ।

ମାଲକାନଗିରି,୨୮।୪(ଡି.ଏନ୍.ଏ.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ସାରା ଭାରତରେ ୯୧ଟି ୧୦୦ୱାଟ କ୍ଷମତା ବିଶିଷ୍ଟ ଏଫ୍‌ଏମ୍ ଟ୍ରାନ୍ସମିଟର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆକାଶବାଣୀ, ଜୟପୁର କେନ୍ଦ୍ର ପକ୍ଷରୁ କୋରାପୁଟ, ମାଲକାନଗିରି ଏବଂ ନବରଙ୍ଗପୁରଠାରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମର ପରିଚାଳନା କରାଯାଇଥିଲା। ମାଲକାନଗିରି ଡିଏନକେସ୍ଥିତ ଏସ୍‌ପିଙ୍କ ବାସଭବନ ନିକଟରେ ଏଫ୍‌ଏମ୍ ଟ୍ରାନ୍ସମିଟର ଉଦ୍‌ଘାଟିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ବେଳେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ିଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଅନିଲ କୁମାର ମିଶ୍ର, ନେହେରୁ ଯୁବ କେନ୍ଦ୍ର ଜିଲା ଯୁବ ଅଧିକାରୀ ହରିଶ ରୁପାଲ, ରତ୍ନାକର ଦାସ, ଜ୍ଞାନଚାନ୍ଦ ଜଗନ୍ନାଥ, ଦୁର୍ଗାଶଙ୍କର ପଟ୍ଟନାୟକ, ଦୁତୀଆ ବଂଛର ପ୍ରମୁଖ ଯୋଗ ଦେଇଥିଲେ। ଆକାଶବାଣୀ ଜୟପୁର ପକ୍ଷରୁ କାର୍ଯ୍ୟକ୍ରମ ମୁଖ୍ୟ ନରେନ୍ଦ୍ର ନାଥ ପଟ୍ଟନାୟକ, ସହାୟକ ଯନ୍ତ୍ରୀ ସୁଧାଂଶୁ ଶେଖର ସୀତାରାମ, ଶରତ କୁମାର ପାଢୀ ଏବଂ ଏନ୍. ଯୋଗେନ୍ଦ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ। ସ୍ଥାନୀୟ ଏଫ୍‌ଏମ୍‌ରେ ନିୟୋଜିତ ବିଶ୍ୱନାଥ ଭତରା ଏବଂ ଦେବରାଜ ଭୂମିଆ ଏହି ଉକାର୍ଯକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପର୍ଯ୍ୟାବରଣ ମଞ୍ଚ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ରାୟଗଡ଼ା ଅଫିସ/ ରାୟଗଡ଼ା (ସ୍ୱ.ପ୍ର.) ,୨୮।୪

ପର୍ଯ୍ୟାବରଣ ମଞ୍ଚ ଓଡିଶା ପ୍ରାନ୍ତର ରାୟଗଡ଼ା ଜିଲା ଶାଖା ପକ୍ଷରୁ ପ୍ଲାଷ୍ଟିକ୍ ବ୍ୟବହାର ରୋକିବା ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘ ରାଜ୍ୟ ସମ୍ପାଦକ ଯୋଗେଶ୍ୱର ଦାସଙ୍କ ନେତୃତ୍ୱରେ ରାୟଗଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ପରିବା ଏବଂ ମାଛ ବଜାର ଏବଂ ସହରର ସମସ୍ତ ବଜାରରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନ କରିବାକୁ ସଚେନ କରାଯାଇଛି। ଜିଲା ପର୍ଯ୍ୟାବରଣ ମଞ୍ଚର ସଂଯୋଜକ ଗଣେଶ କୁମାର ସାହୁଙ୍କ ସହଯୋଗରେ ଦୋକାନଗୁଡିକରେ ପଲିଥିନ ବ୍ୟବହାର ନ କରିବା ପାଇଁ କପଡା ବ୍ୟାଗ ବଣ୍ଟନ କରି ସମସ୍ତେ ସର୍ବନିମ୍ନ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେବାକୁ ଅନୁରୋଧ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସକ୍ଷମ ଅନୁଷ୍ଠାନର ରାଜ୍ୟ ସଂରକ୍ଷକ ବାଦଲ କୁମାର ତା, ବିଶ୍ୱ ହିନ୍ଦୁ ପରିଷଦର ଗୌରଚନ୍ଦ୍ର ନାୟକ, ଗାୟତ୍ରୀ ପରିବାରରୁ ପ୍ରଳୟ କୁମାର ସାହୁ ଯୋଗ ଦେଇ ଲୋକଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ଭାରତୀୟ ମଜଦୁର ସଂଘର ମୋହନ ରାଓ ମାଝୀ, ଧର୍ମ ସିଂ ନାଗ, ଦୁର୍ଗା ମାଧବ ଘୋଷ, ରଞ୍ଜନ କୁମାର ସାହୁ , କୁମାରୀ ବାଡତ୍ୟା, ବିଶକର୍ମା ମଜଦୁର ସଂଘର କେ କେ ଜେନା, ସୁଦର୍ଶନ ନାୟକ, ଗୋବିନ୍ଦ ପ୍ରସାଦ କାନୁ ପରିଚାଳନା କରିଥିଲେ।



ପରିବା ବ୍ୟବସାୟଙ୍କୁ କପଡା ବ୍ୟାଗ ବଣ୍ଟାଯାଉଛି ।

# ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ବାଲିମେଳା,୨୮।୪(ଡି.ଏନ୍.ଏ.)

ବାଲିମେଳା ସହରରେ ଥିବା ଶ୍ରୀଲକ୍ଷ୍ମୀ ନାରାୟଣ ଗୋଶାଳାରେ ଜିଲା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ଗୋଶାଳାକୁ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ଅଶୋକ କୁମାର ତ୍ରିପାଠୀ ପରିଦର୍ଶନରେ ଆସିଥିଲେ। ତାଙ୍କ ସହିତ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ ଲକ୍ଷ୍ମୀଧର ବେହେରା, କୋରୁକୋଣ୍ଡା ବ୍ଲକ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ତଥା ବାଲିମେଳା ପ୍ରାଣୀ ଚିକିତ୍ସା ଅଧିକାରୀ ଡ଼ା ସୌମ୍ୟ ରଞ୍ଜନ ଖଟୁଆ ପ୍ରମୁଖ ପହଞ୍ଚିବା ପରେ ଗୋଶାଳାରେ ଗୋମାତାଙ୍କୁ ଧୂପ, ଦୀପ, ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଗୋମାତାମାନଙ୍କୁ କଦଳୀ, ଆଳୁ, ବନ୍ଧାକୋବି, କୁଣ୍ଡା ଆଦି ଖାଦ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜୀବେ ନିଷ୍ଠୁରତା ସମିତିର ସଭ୍ୟ ନରେଶ ସାମଲ ଏବଂ ପୂର୍ବତନ ଉପନଗରପାଳ ଟୁକୁଲୁ ପ୍ରଧାନଙ୍କ ସମେତ ପ୍ରାଣୀ ଚିକିତ୍ସା ବିଭାଗର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶନିବାର ପୂର୍ବାହ୍ନରେ ଭିସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଉଦବୋଧନ ଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଥିବା ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଖଟୁଆ ସୂଚନା ଦେଇଛନ୍ତି ।



ଶ୍ରୀଲକ୍ଷ୍ମୀ ନାରାୟଣ ଗୋଶାଳାରେ ପୂଜାର୍ଚ୍ଚନା କରାଯାଉଛି ।

# କୋଭିଡ୍ ଅର୍ଥ ହେରଫେର ଅଭିଯୋଗ

ବିଷମକଟକ,୨୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକରେ 'ଫ୍ରି କିଚେନ' ନାଁରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆସିଥିଲା । ଏବେ କୋଭିଡ୍ ସମୟରେ ଅର୍ଥ ହେର୍‌ଫେର ହୋଇଥିବା ସାମ୍ନାକୁ ଆସିଛି। ବ୍ଲକ କାର୍ଯାଳୟରୁ କୋଭିଡ୍ ପରିଚାଳନା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦିଆଯାଇଥିବା ଖର୍ଚ୍ଚର ରିପୋର୍ଟ ଏବଂ ସୂଚନା ଅଧିକାରରେ ମିଳିଥିବା ରିପୋର୍ଟରେ କୌଣସି ତାଳମେଳ ରହୁ ନ ଥିବାରୁ ଏଭଳି ଅଭିଯୋଗ କରାଯାଉଛି। ଏ ସବୁ ଅନିୟମିତତାର ତଦନ୍ତ ଲାଗି ସମସ୍ତ ତଥ୍ୟ ସହ ଅଭିଯୋଗପତ୍ର ୫-ଟି ସଚିବ ଓ ରାୟଗଡା ଜିଲାପାଳଙ୍କୁ ଦିଆଯିବ ବୋଲି ଏମ୍‌ପି ପ୍ରତିନିଧି ଚନ୍ଦ୍ରଶେଖର କୁସଲିଆ ପ୍ରକାଶ କରିଛନ୍ତି।

ବିଷମକଟକର ଗୌରୀପ୍ରସାଦ ପାତ୍ର ସୂଚନା ଅଧିକାର ଆଇନ ବଳରେ କୋଭିଡ ସମୟରେ ବ୍ଲକରେ ହୋଇଥିବା ଖର୍ଚ୍ଚର ହିସାବ ଜାଣିବାକୁ ଚାହିଁଥିଲେ। ସେ ପାଇଥିବା ତଥ୍ୟରେ ଉଲ୍ଲେଖ ରହିଛି ଯେ, ୨୦୨୦ ମେ ୪ ତାରିଖରୁ ୨୦୨୧ ଏପ୍ରିଲ ୧୨ ତାରିଖ ମଧ୍ୟରେ ଫ୍ରି କିଚେନ କୁ ବାଦ ଦେଲେ ବ୍ଲକରେ କୋଭିଡ ପରିଚାଳନା, ସାମଗ୍ରୀ କିଣା, ରକ୍ଷଣାବେକ୍ଷଣ ଆଦି ପାଇଁ ପାଇଁ ୭୮ଲକ୍ଷ ୪୭ହଜାର ୨୦ ଟଙ୍କା ଖର୍ଚ୍ଚ ହୋଇଛି। ଏହି ଖର୍ଚ୍ଚର ହିସାବ ବ୍ଲକ ପ୍ରଶାସନ ୨୦୨୧ ଏପ୍ରିଲ ୧୫ ତାରିଖରେ ଜିଲାପାଳଙ୍କ ଅବଗତ ନିମନ୍ତେ ପଠାଇଥିଲା। ତେବେ ଏହି ତାଲିକାରେ ଅନେକ ଗୁଡିଏ ଖର୍ଚ୍ଚ ସନ୍ଦେହ ଘେରରେ ରହିଛି। କୋଭିଡ କେୟାର ସେଣ୍ଟରରେ ରହୁଥିବା ଆକ୍ରାନ୍ତଙ୍କ ପାଇଁ ଆସିଥିବା ପ୍ଲାଷ୍ଟିକ ବକେଟ, ପାନିଆ, ମଗ, ବ୍ରଶ, ଖଟ, ୱାସିଂମେଶିନ, ଇଣ୍ଡକ୍ସନ, ଡୋର ମ୍ୟାଟ, ତକିଆ ଆଦି କିଣାରେ ବ୍ୟାପକ ଅନିୟମିତା କରାଯାଇଛି । କୋଭିଡ ଅର୍ଥର ଦୁରୁପଯୋଗ କେବଳ ବ୍ଲକସ୍ତରରେ ନୁହେଁ ପଞ୍ଚାୟତ ସ୍ତରରେ ମଧ ହୋଇଥିବା ସନ୍ଦେହ କରାଯାଉଛି। କିଣାଯାଇଥିବା ୱାସିଂ ମେଶିନ, ଇନଭର୍ଟର, ଇଣ୍ଡକ୍ସନ, ବ୍ୟାଟେରୀ, ୟୁପିଏସ ଏବଂ ଅନ୍ୟ ସାମଗ୍ରୀ ସବୁ ବର୍ତ୍ତମାନ କେତେ ପରିମାଣରେ ଓ କେଉଁଠି ଅଛି ସୂଚନା ଅଧିକାରରେ ସେ ସବୁର ତଥ୍ୟ ସ୍ଥାନୀୟ ପ୍ରଶାସନ ପ୍ରଦାନ କରିପାରିନାହିଁ। ପଞ୍ଚାୟତ ସମିତି ବୈଠକରେ ଏ ସବୁର ବିବରଣୀ ଦେବାକୁ ବିଧାୟକ ପ୍ରତିନିଧି ଏବଂ ପଞ୍ଚାୟତ ସମିତି ଉପାଧକ୍ଷ ଅନେକ ସମୟରେ ଦାବି କରିଥିଲେ ମଧ କିଛି ଶୁଣାଯାଇନି।

### ଅଭିଯୋଗ ଆସିଲେ ତଦନ୍ତ ହେବ: ଜିଲାପାଳ

ଏ ନେଇ ବିଷମକଟକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକଙ୍କୁ ପଚାରିବାରୁ ସମସ୍ତ ଘଟଣା ସେ ଏଠାକୁ ବଦଳି ହୋଇ ଆସିବା ପୂର୍ବରୁ ହୋଇଥିବାରୁ ବିଭାଗୀୟ ଅଧିକାରୀଙ୍କଠାରୁ ଅବଗତ ହେବା ପରେ ମନ୍ତବ୍ୟ ଦେବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ପଚାରିବାରେ ସେଭଳି କୌଣସି ଅଭିଯୋଗ ଆସିନାହିଁ। ଅଭିଯୋଗ ଆସିଲେ ନିରପେକ୍ଷ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୨୯ ଏପ୍ରିଲ, ୨୦୨୩



# କୋମ୍ବିଂ ପରେ ୨ ଯୁବକଙ୍କୁ ଏସ୍‌ଓଜି ଯବାନ ଉଠାଇ ଆଣିଥିବା ଅଭିଯୋଗ

■ ନବରଙ୍ଗପୁର ଏସ୍‌ପିଙ୍କୁ ଭେଟିବାକୁ ଛତିଶଗଡ଼ରୁ ଆସିଲେ ନିଖୋଜ ଯୁବକଙ୍କ ପରିବାର

■ ଅଭିଯୋଗକୁ ପୋଲିସର ଖଣ୍ଡନ

■ ନିଖୋଜ ଯୁବକଙ୍କ ପତ୍ତା ନ ମିଳିଲେ ଗରିଆବନ୍ଧ, ନବରଙ୍ଗପୁର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ ଚେତାବନୀ

ନବରଙ୍ଗପୁର,୨୮।୪(ବି.ପ୍ର.)

ଛତିଶଗଡ଼ ଗରିଆବନ୍ଦ ଜିଲା ଶୋଭା ଥାନା ଅଞ୍ଚଳ ସୀମାବର୍ତ୍ତୀ ଉଦନ୍ତି ଜଙ୍ଗଲରେ ବୁଧବାର ମାଓବାଦୀ ଓ ଏସ୍‌ଓଜି ଯବାନଙ୍କ ମଧ୍ୟରେ ଅଧାଘଣ୍ଟା ଗୁଳି ବିନିମୟ ହୋଇଥିଲା। ଏହାପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇ ସାଇବନି କାଚର ଘଞ୍ଚ ଜଙ୍ଗଲ ଭିତରକୁ ଚାଲିଯାଇଥିଲେ। କୋମ୍ବିଂ ଅପରେଶନ ପରେ ସେହିଦିନ ୨ଜଣ ଯୁବକଙ୍କୁ ସନ୍ଦେହକରି ଏସ୍‌ଓଜି ଯବାନ ଉଠାଇ ଆଣିବା ଅଭିଯୋଗ କରି ଛତିଶଗଡ଼ର ମୋତିପାଣି ଓ ସାଇବନି କଚାର ଗ୍ରାମବାସୀ ଶୁକ୍ରବାର ନବରଙ୍ଗପୁର ଏସ୍‌ପି ଏସ୍.ସୁଶ୍ରୀଙ୍କୁ ଭେଟିବାକୁ ଆସିଥିଲେ। ଏସ୍‌ପି ନ ଥିବାରୁ ଡିଏସ୍‌ପି ଚନ୍ଦ୍ରଶେଖର ହୋତାଙ୍କୁ ଭେଟି ଆଲୋଚନା କରିଥିଲେ। କୋମ୍ବିଂ ସରିବା ପରେ ହେମଲାଲ ନାଗେଶ ଓ ପ୍ରକାଶ ମରକାମଙ୍କୁ ଏସ୍‌ଓଜି ଯବାନ ମାଡ଼ମାରି ଉଠାଇ ଆଣିଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ସେମାନେ ନିର୍ଦ୍ଦୋଷ, ତାଙ୍କୁ ଛାଡ଼ିଦେବାକୁ ସେମାନେ କହିଥିଲେ। ତେବେ ପୋଲିସ କାହାରିକୁ ଆଣି ନ ଥିବା ଡିଏସ୍‌ପି କହିଥିଲେ।

ସୂଚନାନୁଯାୟୀ, ଗୁରୁବାର ଗ୍ରାମବାସୀ ହେମଲାଲ ଓ ପ୍ରକାଶଙ୍କ ସମ୍ପର୍କରେ ଫୁଟାନାଡ଼ା ସିଆର୍‌ପିଏଫ୍ କ୍ୟାମ୍ପକୁ ଯାଇ ପଚାରିଥିଲେ। ଘଟଣା ସମ୍ପର୍କରେ ଜାଣି ନ ଥିବା ନେଇ କ୍ୟାମ୍ପରୁ ଉତ୍ତର ପାଇବା ପରେ ରାଇଘର ଥାନାକୁ ଆସିଥିଲେ। ରାଇଘର ପୋଲିସ ମଧ୍ୟ ଘଟଣା ବିଷୟରେ ଅବଗତ ନ ଥିବା ଓ ସେଭଳି କାହାରିକୁ ଗିରଫ କିମ୍ବା ସନ୍ଦେହରେ ଅଣାଯାଇ ନ ଥିବା କହିବା ପରେ ଗ୍ରାମବାସୀ ସେଠାରୁ ଫେରି ଆସିଥିଲେ। ଏହାପରେ ଶୁକ୍ରବାର ଏସ୍‌ପିଙ୍କୁ ଭେଟିବାକୁ ଆସଥିଲେ। ଭାଇ ଜୀବିତ ନା ମୃତ ତାହା ଏବେ ସନ୍ଦେହରେ। ଯବାନମାନେ ହିଁ ଗାଁ ନିକଟରୁ ହେମଲାଲଙ୍କୁ ସନ୍ଧ୍ୟା ସମୟରେ ଉଠାଇ ଆଣିଥିବା ଗ୍ରାମବାସୀ କହୁଛନ୍ତି। ପୋଲିସ ଯଦି ସ୍ପଷ୍ଟ କରିବ ନାହିଁ ତେବେ ଛତିଶଗଡ଼ ଗରିଆବନ୍ଦ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ନବରଙ୍ଗପୁର ଏସ୍‌ପି ଅଫିସ ଆଗରେ ଆନ୍ଦୋଳନ କରିବେ ବୋଲି ମୋତିପାଣି ଗାଁର ହେମଲାଲଙ୍କ ବଡଭାଇ ନନ୍ଦଲାଲ ନଗେଶ କହିଛନ୍ତି। ଯଦି ଭାଇଙ୍କୁ ଉଠାଇ ଆଣିଛନ୍ତି ତେବେ ଆଇନ ଅନୁଯାୟୀ କୋର୍ଟ ଚାଲାଣ କରନ୍ତୁ ବୋଲି ସେ କହିଛନ୍ତି। ପ୍ରକାଶ ଜଣେ ସାଧାରଣ ଲୋକ। ଏସ୍‌ଓଜି ଯବାନମାନେ ପ୍ରକାଶ ଓ ହେମଲାଲଙ୍କୁ ଉଠାଇଆଣି ନବରଙ୍ଗପୁରକୁ ଆଣିଥିବା ଶୁଣିଲୁ। ପୋଲିସ କିନ୍ତୁ ମନା କରୁଛି। ପ୍ରକାଶ ଓ ହେମଲାଲଙ୍କୁ ପୋଲିସ ଖୋଜି ବାହାର କରନ୍ତୁ ବୋଲି ପ୍ରକାଶଙ୍କ ମାଳିକ ବିଭୁଧର ଦାଶ କହିଛନ୍ତି।


ଛତିଶଗଡ଼ର ଗ୍ରାମବାସୀଙ୍କ ସହ ଡିଏସ୍‌ପି ଚନ୍ଦ୍ରଶେଖର ହୋତା ଆଲୋଚନା କରୁଛନ୍ତି।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଆୟାପା ସେବା ସଂଘ

ଉମରକୋଟ, ୨୮।୪(ସ୍ୱ.ପ୍ର.)- ଆୟାପା ସେବା ସଂଘ ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଗସ୍ତ ସମୟରେ ଉମରକୋଟସ୍ଥିତ ଅର୍ଦ୍ଧ ନିର୍ମିତ ଆୟାପା ମନ୍ଦିର କାମ ଶେଷ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ବର୍ତ୍ତମାନ ଆୟାପା ମନ୍ଦିର ସମ୍ପୂର୍ଣ୍ଣ ପାଇଁ ୧୦ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଉମରକୋଟ ଆୟାପ୍ପା ସେବା ସଙ୍ଘ ସଭାପତି ନଳିନୀ ରଞ୍ଜନ ମିଶ୍ର, ସନ୍ତୋଷ ପଞ୍ଚବାନି, ଉପେନ୍ଦ୍ର ଖୁଣ୍ଟିଆ, ଏମ୍. ରଞ୍ଜିତ କୁମାର, ପ୍ରଶାନ୍ତ ଶତପଥୀ, ଜୟସିଂ ପାଣ୍ଡେ, ଅମିତ କର୍ମକାର, ତେଜସ୍ୱର ରାଓ ସମସ୍ତ ସ୍ୱାମୀ ମାନେ ମୁଖ୍ୟମନ୍ତ୍ରୀ, ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ରାଜ୍ୟ ଉଠା ଜଳସେଚନ ନିଗମ ଉପଦେଷ୍ଟା ପ୍ରମୋଦ ପାଢ଼ୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ଷା ଋତୁ ଆଗରୁ ମନ୍ଦିର କାର୍ଯ୍ୟ ଶୀଘ୍ର ଆରମ୍ଭ କରିବାକୁ ସଭାପତି ଦାବି କରିଛନ୍ତି।

### ଗୁରୁତରଙ୍କୁ ଉଦ୍ଧାରକଲେ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି



ପାପଡାହାଣ୍ଡି, ୨୮।୪ (ଡି.ଏନ୍.ଏ.)- ପାପଡ଼ାହାଣ୍ଡି ବ୍ଲକ ଜଟାବାଲ ପଞ୍ଚାୟତ ଝାରମୁଣ୍ଡା ନିକଟରେ ଶୁକ୍ରବାର ଏକ ବାଇକ ଦୁର୍ଘଟଣା ୩ଗୁରୁତର ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ପାପଡାହାଣ୍ଡି ବ୍ଲକ ଅଧକ୍ଷା ହେମଲତା ମାଝିଙ୍କ ପ୍ରତିନିଧି ପରେଶ ଜେନା। ସୂଚନାନୁଯାୟୀ, ମାନିଗାଁ ପଞ୍ଚାୟତ ଉମରାହାଣ୍ଡି ଗ୍ରାମର ଦୁଲବ ଭତରା, ଦଶମୁ ଭତରା, ଗୌତମ ଭତ୍ରା ମନ୍ତ୍ରୀ ଙ୍କ କାର୍ଯ୍ୟକ୍ରମ ଦେଖିବା ପାଇ ଚେରଚେଟା ହାଇସ୍କୁଲ ଖେଳ ପଡିଆକୁ ଯାଇଥିଲେ। ସେଠାରୁ ଫେରିବାବେଳେ ଝାରମୁଣ୍ଡା ପାଖ ଏକ କଲଭର୍ଟ ନିକଟରେ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ସେହି ସମୟରେ ପାପଡାହାଣ୍ଡି ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ପରେଶ ଜେନା ଏବଂ ପାପଡାହାଣ୍ଡି ବ୍ଲକ ବିଜେଡି ଉପସଭାପତି ବିଭୁତି ଖସଲା ଏହା ଦେଖି ସେମାନଙ୍କୁ ଉଦ୍ଧାର କରି ପାପଡାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

### ୬ ପ୍ରକଳ୍ପର ଶିଳାନ୍ୟାସ କଲେ ମନ୍ତ୍ରୀ

କୋଡିଙ୍ଗା,୨୮।୪(ଡି.ଏନ୍.ଏ.)- ଓଡିଶା ସରକାରଙ୍କ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ କୋଷାଗୁମୁଡା ବ୍ଲକ ବାଲେଙ୍ଗା ପଞ୍ଚାୟତର ମିରିମିଣ୍ଡାଠାରେ ମାରଥନ ଗସ୍ତରେ ଆସି ୬ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଆଜି ଅପରାହ୍ନ ୨ଟାରେ ହେଲିକେପ୍ଟର ଯୋଗେ ଆସି ବ୍ଲକର କୋଡିଙ୍ଗା ଜଗନ୍ନାଥ ମନ୍ଦିର, କୋଡିଙ୍ଗା ରାଜା ମସଜିଦ ଗୋଷ୍ଠୀ କେନ୍ଦ୍ର ଗୃହ, କୋଟାଗାଁ ମହିମା ପୀଠ, କୋଷାଗୁମୁଡା ଜଗନ୍ନାଥ ମନ୍ଦିର ଉନ୍ନତିକରଣ, କୋଟାଗାଁ-କୁରୁପାରାସ୍ତା ନିର୍ମାଣ, କୋଷାଗୁମୁଡା-ମୋତିଗାଁ-କୋଟାଗାଁ ରାସ୍ତା ପ୍ରଶସ୍ତିକରଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାପରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ମନ୍ତ୍ରୀ ଢୋଲକିଆ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନହୋର ରନ୍ଧାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ସର୍ବେଶ୍ୱରୀ ମାଝି, ଉପାଧକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ରାଜ୍ୟସଭା ସଦସ୍ୟଙ୍କ ପ୍ରତିନିଧି ବଦ୍ରି ନାରାୟଣ ସିଂ ଯୋଗଦେଇଥିଲେ।

### ୧୪୩ ୟୁନିଟ୍ ରକ୍ତ ସଂଗ୍ରହ

ଝରିଗାଁ,୨୮।୪(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୋଦଭଞ୍ଜା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାସ ଅତିଥି ଭାବେ ଯୋଗ ଦେଇ ଶିବିର ଉଦ୍‌ଘାଟନ କରିଥିଲେ। ନବରଙ୍ଗପୁର ଜିଲା ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରେ ୧୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ, ସୁମିତ୍ରା ସାହୁ, ସୁନୀଲ ପଣ୍ଡା , ପ୍ରତିଭା ପାଲ, ସନ୍ତୋଷ ପ୍ରଧାନ, ପିଏଚଇଓ ଗୋପାଳକୃଷ୍ଣ ପାଢ଼ୀ ଉପସ୍ଥିତ ଥିଲେ। ସେକ୍ଟର ସୁପରଭାଇଜର ପୂର୍ଣ୍ଣଚନ୍ଦ୍ର ପ୍ରହରାଜ ଏବଂ ବିଭୁପ୍ରସାଦ ଉଲ୍ଲାକା ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ପଞ୍ଚାୟତ କାର୍ଯ୍ୟାଳୟ ଘେରିଲେ ଗ୍ରାମବାସୀ

ପଞ୍ଚାୟତ ନିର୍ବାହୀ ଅଧିକାରୀ, ସରପଞ୍ଚଙ୍କ କାର୍ଯ୍ୟକୁ ବିରୋଧ

ଡାବୁଗାଁ, ୨୮।୪ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଡଙ୍ଗରିଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ସରପଞ୍ଚଙ୍କ କାର୍ଯ୍ୟକୁ ବିରୋଧ କରି ଶୁକ୍ରବାର ଡଙ୍ଗରିଗୁଡ଼ା ପଞ୍ଚାୟତବାସୀ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ କିଛିଦିନ ହେବ କୌଣସି ଏକ ନିର୍ଦ୍ଦିଷ୍ଟ କାମ ପାଇଁ ସ୍ୱତନ୍ତ୍ର ବୈଠକ କରିଆସୁଛନ୍ତି। କିନ୍ତୁ ବୈଠକର କୌଣସି ରେଜୁଲେସନ ବୈଠକରେ ଲେଖାଯାଉନାହିଁ। ବୈଠକରେ ଉପସ୍ଥିତ ୱାର୍ଡ ମେମ୍ବରଙ୍କ ସାଧା କାଗଜରେ ଦସ୍ତଖତ ନେଇ ପରେ ରେଜୁଲେଶନ ଲେଖାଯାଉଛି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଡଙ୍ଗରିଗୁଡ଼ା ପଞ୍ଚାୟତରେ ହେବାକୁ ଥିବା ଏକ ଠିପି ଖୋଲା ବିଦେଶୀ ମଦ ଦୋକାନ ପାଇଁ ଅନୁମତି ପୂର୍ବ ଦିନରେ ସରପଞ୍ଚ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଦେଇଥିଲେ। କିନ୍ତୁ କଣ ଏମିତି ହେଲା କି ପୁଣି ଏହି ଦୋକାନକୁ ନ ଖୋଲିବା ପାଇଁ ସେମାନେ ବାଧ ହେଉଛନ୍ତି। ଏହି ବିଷୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଙ୍କୁ ପଚାରିବାରୁ ସେ ୱାର୍ଡ ମେମ୍ବର ମାନେ ଏହି ଦୋକାନ ନ ଖୋଲିବା ପାଇଁ କହିଥିବା ଜଣାଇଥିଲେ କିନ୍ତୁ ୱାର୍ଡ ମେମ୍ବରମାନେ ଏହି ଦୋକାନ ଖୋଲାଯାଇ ଥିଲେ ଭଲ ହୋଇଥାନ୍ତା ବୋଲି କହୁଥିବା ଗ୍ରାମବାସୀ କହିଛନ୍ତି। ସୂଚନାନୁଯାୟୀ, ଚଳିତ ମାସ ୧୮ ତାରିଖରେ ଡ଼ଙ୍ଗରିଗୁଡା ଗ୍ରାମ ନିକଟରେ ଖାତାନଂ ୪୬୦/୭୭୧ ଓ ପ୍ଲଟ ନଂ ୧୯୨୮/୨୪୪୭ ଉପରେ ଏକ ଠିପି ଖୋଲା ବିଦେଶୀ ମଦ ଦୋକାନ ଖୋଲିବା ପାଇଁ ଜିଲା ଅବକାରୀ ବିଭାଗ ତରଫରୁ ଚିଠି ନଂ ୫୪୭/୨୦୨୩ ପଞ୍ଚାୟତକୁ ଅନୁମତି ନିମନ୍ତେ ଆସିଥିଲା। ପରେ ୨୪.୪.୨୩ ଦିନ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟମାନେ ବୈଠକ ବସି ଠିପି ଖୋଲା ବିଦେଶୀ ମଦ ଦୋକାନ ଖୋଲିବା ନିମନ୍ତେ ନିଷ୍ପତ୍ତି ନେଇ ରେଜୁଲେସନ ଲେଖାଯାଇ ସମସ୍ତ ସଭ୍ୟମାନେ ଦସ୍ତଖତ କରିଥିଲେ। ଏହି ରେଜୁଲେଶନକୁ ୨୫.୪.୨୩ ଦିନ ଜିଲାପାଳ ଓ ଜିଲା ଅବକାରୀ ବିଭାଗକୁ ପ୍ରଦାନ କରଯାଇଥିଲା। କୌଣସି କାରଣରୁ ଡ଼ଙ୍ଗରିଗୁଡା ସରପଞ୍ଚ ଏହି ଠିପି ଖୋଲା ବିଦେଶୀ ମଦ ଦୋକାନ କୁ ନଖୋଲିବା ପାଇଁ ପୁଣି ଏକ ବୈଠକ ଶୁକ୍ରବାର ଡକାଇଥିଲେ। ଉକ୍ତ ଘଟଣାକୁ କେନ୍ଦ୍ର କରି ଡ଼ଙ୍ଗରିଗୁଡା ଗ୍ରାମବାସୀ ପଞ୍ଚାୟତ ଘେରାଉ କରିଥିଲେ। ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କାଳିପଦ କୀର୍ତ୍ତନିଆଙ୍କୁ ତାଙ୍କ ମୋବାଇଲ ନଂ.୯୯୩୭୫୮୮୨୦୭ରେ ଯୋଗାଯୋଗ କରିଥିଲେ ସେ ଏହାର ଉତ୍ତର ଦଇ ନ ଥିଲେ।




# ପ୍ରସିଦ୍ଧ ବୁଢ଼ାରାଜା ଯାତ୍ରା ଶେଷ

ନନ୍ଦାହାଣ୍ଡି,୨୮।୪(ଡି.ଏନ୍.ଏ)

୩ ଦିନ ଧରି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଏକମ୍ବା ଗାଁରେ ଚାଲିଥିବା ମାଁ ବୁଢ଼ି ଠାକୁରାଣୀଙ୍କ ବାର୍ଷିକ କଳସୀ ଯାତ୍ରା ଏବଂ ଶ୍ରୀ ବୁଢ଼ାରଜାଙ୍କ ଐତିହାସିକ ଯାତ୍ରା ଶେଷ ହୋଇଛି। ମାଁ ଠାକୁରାଣୀ ନିଜ ମନ୍ଦିରରୁ ବାହାରି ଭକ୍ତଙ୍କ ଦୁଃଖ ହାରିବା ପାଇଁ ପ୍ରତ୍ୟେକ ଘରକୁ ଘର ଯାଇ ପୂଜା ପାଇଥାଆନ୍ତି। ଏହି ଯାତ୍ରାରେ ଆଖପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁ ଯୋଗ ଦେଇ ଠାକୁରାଣୀଙ୍କ ଦର୍ଶନ କରିଥାନ୍ତି। ପାରମ୍ପରିକ ନୀତି ଅନୁସାରେ ପ୍ରତ୍ୟେକ ବର୍ଷ ବୈଶାଖ ମାସର ଏକ ବୁଧବାର ଏବଂ ଗୁରୁବାରରେ ବାଜା ବାଜଣା, ଧୂପ ଦୀପ, ନାଚ ଗୀତ ସହ ଗ୍ରାମବାସୀ ମାଁ ଙ୍କୁ ପୂଜା କରିଥାନ୍ତି। ଶୁକ୍ରବାର ଶ୍ରୀବୁଢ଼ାରାଜାଙ୍କ ପୂଜା ହୋଇଥାଏ। ଯାତ୍ରା ଶେଷରେ ଶ୍ରୀ ବୁଢ଼ାରଜାଙ୍କୁ ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଶେଷ ଦିନରେ ଗ୍ରାମର ସମସ୍ତ ସ୍ଥାପନ ଦେବାଦେବୀ ମଧ୍ୟ ପୂଜା ପାଇଥାନ୍ତି। ଏହି ପୂଜାରେ ଗାଁର ସମସ୍ତ ଦେବୀ ଲାଠି, ଗାଦୀମୁଦ୍ରା, ଶିକୁଳି କଣ୍ଟା ପୂଜାରେ ସାମିଲ ହୋଇଥାନ୍ତି।


ଯାତ୍ରାରେ ସାମିଲ ହୋଇଥିବା ଲାଠିମାନେ ।

# ଆଇନଜୀବୀମାନେ ପେସା ସହ ସମାଜସେବା କରିବା ଜରୁରୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ।

ନବରଙ୍ଗପୁର,୨୮।୪(ବି.ପ୍ର.)

ନବରଙ୍ଗପୁର ଜିଲା ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ୧୭୫ ତମ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମଧୁବାବୁ ପାର୍କ ସ୍ଥିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଆଇନଜୀବୀମାନେ ମାଲ୍ୟାର୍ପଣ କରିଥିଲେ। ଜିଲା ଦୌରା ଜଜ ଅଦାଲତ ପରିସରରେ ଆଇନଜୀବୀ ଦିବସ ପାଳନ କାର୍ଯ୍ୟକ୍ରମରେ ଓଡିଶା ଅଭିଯୋଜନ ଲୋକାୟୁକ୍ତ ନିର୍ଦ୍ଦେଶକ ଅଶୋକ ପଣ୍ଡା ମୁଖ୍ୟ ଅତିଥି, ଜୟପୁର ଆଇନ ମହାବିଦ୍ୟାଳୟର ଅଧକ୍ଷ ଚିନ୍ତାମଣି ପଣ୍ଡା ମୁଖ୍ୟ ବକ୍ତା, ଭାରପ୍ରାପ୍ତ ଜିଲା ଜଜ ତଥା ଏଡିଜେ ପ୍ରଣତୀ ସାହା, ଏଡିଜେ ଶିବ ପ୍ରସାଦ ମିଶ୍ର, ନବରଙ୍ଗପୁର ଜିଲାପାଳ ଡ କମଳ ଲୋଚନ ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଡିଏଲ୍‌ଏସ୍ ସମ୍ପାଦକ ଜନକ ରାଉତ, ରେଜିଷ୍ଟ୍ରାର ସୁଶାନ୍ତ ଜେନା ଏବଂ ଜେଏମ୍‌ଏଫ୍‌ସି ଆର୍ଯ୍ୟବାଳା ତ୍ରିପାଠୀ ଯୋଗ ଦେଇଥିଲେ। ସଂଘର ସଭାପତି ନରସିଂହ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସମ୍ପାଦକ ତପନ ସିଂ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଆଇନଜୀବୀ ଉମାଶଙ୍କର ତ୍ରିପାଠୀ, ସଦନ ନାୟକ, ଝାଡେଶ୍ୱର ଖାଡାଙ୍ଗା, ଶ୍ୟାମ ପ୍ରସାଦ ଗନ୍ତାୟତ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ସି.ଏଚ୍. ବାବା ଯୁଗନ୍ଧର, କେ.ଜି. ପଟ୍ଟନାୟକ, ଦିଲ୍ଲୀପ ବେହେରା, ସୁଧାକର ପଟ୍ଟନାୟକ , ସୁରେଶ ନାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧନା କରିଥିଲେ। ଆଇନଜୀବୀ ନିଜ ପେଷା ସହ ସମାଜସେବା କରିବାକୁ ମୁଖ୍ୟ ଅତିଥି ପରାମର୍ଶ ଦେଇଥିଲେ। ଅତିଥିମାନଙ୍କୁ ଉମାଶଙ୍କର ତ୍ରିପାଠୀ ଓ ଝାଡେଶ୍ୱର ଖାଡାଙ୍ଗା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ଅନୀଲ ଦୀନବନ୍ଧୁ ମଞ୍ଚାସୀନ ଥିଲେ। ଯୁଗ୍ମ ସମ୍ପାଦକ ସନ୍ଦୀପ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ ପଟ୍ଟନାୟକ , ସତୀଶ ଚନ୍ଦ୍ର ନାୟକ, ତପନ ପାଣିଗ୍ରାହୀ, ଦିନେଶ କର୍କରା ସହଯୋଗ କରିଥିଲେ। ନବରଙ୍ଗପୁର ଜିଲା ଓକିଲ ସଂଘ ପୂର୍ବତନ ସମ୍ପାଦକ ରାମ ପ୍ରସାଦ ପାତ୍ର, କିଶୋରୀ ପଟ୍ଟନାୟକ, ସଲମା ବାନୁ, ପଙ୍କଜିନୀ ତ୍ରିପାଠୀ, ଶର୍ମିଷ୍ଠା ରଥ, ପ୍ରୀତି ଚୌଧୁରୀ, ଅଜିତା ଦାଶ ପ୍ରମୁଖ ଆଇନଜୀବୀ ଉପସ୍ଥିତ ଥିଲେ।

# ୧୦୦ ୱାଟ୍ ବିଶିଷ୍ଟ ନୂତନ ରେଡିଓ ଟ୍ରାନ୍ସମିଟର ଲୋକାର୍ପିତ



ନବରଙ୍ଗପୁର,୨୮।୪(ବି.ପ୍ର.)

ନବରଙ୍ଗପୁର ଜିଲାରେ ୧୦୦ ୱାଟ ବିଶିଷ୍ଟ ନୂତନ ଏଆଇଆର୍ ଏଫ୍‌ଏମ୍ ରେଡିଓ ଟ୍ରାନ୍ସମିଟରକୁ ଲୋକାର୍ପିତ ହୋଇଛି। ଏହି ନୂତନ ଏଆଇଆର୍ ଏଫ୍‌ଏମ ରେଡିଓ ଷ୍ଟେସନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିଡିଓ କନ୍‌ଫରେନ୍ସରେ ଲୋକାର୍ପିତ କରିଛନ୍ତି। ଦେଶର ୯୧ଟି ସ୍ଥାନ ସହ ନବରଙ୍ଗପୁର ଷ୍ଟେସନକୁ ମଧ୍ୟ ଲୋକାର୍ପଣ କରାଯାଇଛି। ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲାରେ ଏକ ନୂତନ ରେଡିଓ ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି। ନବରଙ୍ଗପୁର ସହର ମଧ୍ୟରେ ବର୍ତ୍ତମାନ ପ୍ରସାର ଭାରତୀର ୧୦୦ ୱାଟ କ୍ଷମତା ବିଶିଷ୍ଟ ଏଏଫ୍‌ଏମ୍ ରେଡିଓ ଷ୍ଟେସନ କାର୍ଯ୍ୟକ୍ଷମ ହୋଇଛି। ଏହି ୧୦୦୦ ୱାଟ କ୍ଷମତା ବିଶିଷ୍ଟ ଜ୍ଞାନ ପ୍ଲସ ୱାନ ଟ୍ରାନ୍ସମିଟରର ୧୫ କିଲୋମିଟର ରେଡିୟସ ରହିଛି। ଏହା ନବରଙ୍ଗପୁର, ପାପଡାହାଣ୍ଡି, ତେନ୍ତୁଳିଖୁଣ୍ଟି ବ୍ଲକ ସହ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବ୍ଲକ ପର୍ଯ୍ୟନ୍ତ ପ୍ରସାରଣକୁ ସୁଗମ କରିପାରିବ। ପ୍ରଥମ ପର୍ଯ୍ୟାୟ ଏଥରେ ବିବିଧ ଭାରତୀ ସକାଳ ୬ରୁ ରାତି ୧୧ ଟା ପର୍ଯ୍ୟନ୍ତ ପ୍ରସାରିତ ହେବ। ଏହା ଦୁଇ ମାସ ଧରି ଟ୍ରାୟାଲ କରାଯାଇ ପରୀକ୍ଷା କରାଯାଇଥିଲା। ଦୁଇ ଜଣ ଟେକନିସିଆନ ପ୍ରବୀର କୁମାର ସାହୁ ଓ ଏସ ରବି କୁମାର ଷ୍ଟେସନର ଦାୟିତ୍ୱରେ ଅଛନ୍ତି। ଲୋକାର୍ପଣ କାର୍ଯ୍ୟକ୍ରମରେ ଜିଲାପାଳ ଡଃ କମଳ ଲୋଚନ ମିଶ୍ର, ଏସ୍‌ପି ଏସ୍.ସୁଶ୍ରୀ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ପୂର୍ବତନ ଏମ୍‌ପି ବଳଭଦ୍ର ମାଝିଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଓ ଆକାଶବାଣୀର କଳାକାର, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଜିଲାରେ ପ୍ରଥମ ଥର ପାଇଁ ଆକାଶବାଣୀର ଏଫ୍‌ଏମ୍ ରେଡିଓ ଷ୍ଟେସନ ସ୍ଥାପନ ହୋଇଥିବାରୁ ଖୁସି ଅଛନ୍ତି ବୋଲି ଶ୍ରୋତା ଡଃ ବିଜୟ କୁମାର ମିଶ୍ର ଓ ଡଃ ସଞ୍ଜୁକ୍ତା ପଣ୍ଡା, ଜୟପୁର ଆକାଶବାଣୀର ବରିଷ୍ଠ ଉଦ୍‌ଘୋଷିକା ଅମିତା ଦାସ କହିଛନ୍ତି।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଜୟପୁର, ୨୮।୪(ନି.ପ୍ର.)

ଜିଲା ଆଇନ ସେବା ପ୍ରାଧିକରଣ (ଡିଏଲ୍‌ଏସ୍) ଆନୁକୂଲ୍ୟରେ ଶୁକ୍ରବାର ଡଙ୍ଗରଛିଞ୍ଚି ପଞ୍ଚାୟତର ଭଟାଛିଞ୍ଚି ଗ୍ରାମରେ ଆଇନ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ବିଚାରପତି ସୁମନ ଜେନା ମୁଖ୍ୟ ଅତିଥି, ପ୍ରବେଶନ ମାଜିଷ୍ଟ୍ରେଟ୍ ଅନିମେଶ ତ୍ରିପାଠୀ, ପ୍ୟାନେଲ ଓକିଲ କେ.ଦିବାକର ରାଓ, ହରିଶ୍ ଚନ୍ଦ୍ର ମୁଦୁଲି ଏବଂ ପାରାଲିଗାଲ କର୍ମୀ ରେଣୁକା ମହାନ୍ତି ଏବଂ ମିନତି ମହାନ୍ତି ଅତିଥିଭାବେ ଯୋଗଦେଇଥିଲେ। ଯୋଗ୍ୟ ହିତାଧିକାରୀମାନେ କିପରି ମାଗଣାରେ ଆଇନ ସହାୟତା ପାଇପାରିବେ ଏବଂ ନିଜର ଆଇନଗତ ଅଧିକାର ପାଇଁ ଲଢ଼େଇ କରିବେ ସେ ନେଇ ଆଲୋଚନା କରାଯାଇଛି। କାହା ଦ୍ୱାରା ଲଢ଼େଇ କରିହେବ ସେ ନେଇ ଆଲୋଚନା କରାଯାଇଛି। ଏହାଛଡ଼ା ଏତଲା, ଜାମିନ, ୱାରେଣ୍ଟ, ସମନ ଓ ଅପିଲ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା।

# ଗଞ୍ଜେଇ ସହ କାର୍ ଜବତ, ୨ ଗିରଫ

ନନ୍ଦପୁର/ ଲମତାପୁଟ, ୨୮।୪(ଡି.ଏନ୍.ଏ.)

ନନ୍ଦପୁର ଉପଖଣ୍ଡ ଅଧୀନ ମାଛକୁଣ୍ଡ ପୋଲିସ ଚାଙ୍ଗୁଡିପଡ଼ା ଗ୍ରାମ ନିକଟରୁ ୯୬ କିଲୋ ୮୦୦ ଗ୍ରାମ ଗଞ୍ଜେଇ ସମେତ ଏକ କାର୍ (ଓଆର୍-୦୨ବିଇ-୨୬୭୯) ଜବତ କରିଛି। ଏହି ଘଟଣାରେ ପୋଲିସ ମାଛକୁଣ୍ଡ ଥାନା ଅଧୀନ ଚାଙ୍ଗୁଡ଼ିପଡ଼ା ଗ୍ରାମର ବଂଶୀଧର ବାଗ ଓ କାକିରିଗୁମ୍ମା ଥାନା ଅଞ୍ଚଳର ରାମେଶ୍ୱର ଖରାଙ୍କୁ ଗିରଫ କରିଛି। ମାଛକୁଣ୍ଡ ଥାନା ପୋଲିସ କେସ୍ ନଂ. ୫୬/୨୩ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି ବୋଲି ଥାନାଧିକାରୀ ଡି. ବଡ୍ରିଆ ସୂଚନା ଦେଇଛନ୍ତି। ଗାଡ଼ି ମୋଟର ଯାଞ୍ଚ ସମୟରେ ମାଛକୁଣ୍ଡ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ନନ୍ଦପୁର ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି। ଶୁକ୍ରବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଉଗ୍ରସେନଙ୍କୁ ଦ୍ୱାରପାଳ ସଜାଇ ସିଂହାସନରେ ବସିଲେ କଂସ

■ ଚନ୍ଦାହାଣ୍ଡି ଧନୁଯାତ୍ରା ମହୋତ୍ସବ

■ ମଥୁରାନଗରୀକୁ ଖବରଦାତାଙ୍କୁ ମହାରାଜ କଂସଙ୍କ ଡାକରା

ଚନ୍ଦାହାଣ୍ଡି, ୨୮।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଦର ମହକୁମାରେ ଚାଲିଥିବା ଧନୁଯାତ୍ରାର ଚତୁର୍ଥ ରଜନୀରେ ମଥୁରାନଗରୀରେ କଂସ ଦେବକୀଙ୍କର ୬ ପୁତ୍ରଙ୍କୁ ହତ୍ୟା କରିଛନ୍ତି। ପିତା ଉଗ୍ରସେନଙ୍କୁ ଦ୍ୱାରପାଳ ସଜାଇବା ସହ ରାଜ ସିଂହାସନରେ ନିଜେ କଂସ ଅଭିଷିକ୍ତ ହୋଇଛନ୍ତି। ମହାରାଜ କଂସଙ୍କୁ ଚନ୍ଦାହାଣ୍ଡି ଗ୍ରାମବାସୀ ଏକ ସୁସଜ୍ଜିତ ରଥରେ ଗୋପପୁରରୁ ବାଜା ବଜାଇ ଓ ହୁଳହୁଳି ଦେଇ ମଥୁରାନଗରୀକୁ ପାଛୋଟି ଆଣିଥିଲେ। ମହାରାଜ କଂସ ଚନ୍ଦାହାଣ୍ଡି ବ୍ଲକର ଖବରଦାତାଙ୍କୁ ମଥୁରାକୁ ଡକାଇଥିଲେ। ଖବରାଦାତା ଦିଲୀପ ଦାସ, ମହମ୍ମଦ ହୁସେନ, ବାସୁଦେବ ସୁନା, ସଂଗ୍ରାମ କେଶରୀ ସାହୁ, କାମିନି ରଞ୍ଜନ ପାଣ୍ଡେଙ୍କଠାରୁ ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ଅବସରରେ ମହାରାଜା କଂସ ସମସ୍ତ ଖବରଦାତାଙ୍କୁ ମଞ୍ଚରେ ସମ୍ବର୍ଦ୍ଧିତ କରିଥିଲେ। ଚନ୍ଦାହାଣ୍ଡି ଭଳି ଉପାନ୍ତ ଅଞ୍ଚଳରେ ଏଭଳି ଏକ ପୌରାଣିକ ନାଟକର ଆୟୋଜନ କରି ଅଞ୍ଚଳବାସୀଙ୍କୁ ପୁରାଣ ସମ୍ପର୍କରେ ଭାବାଦର୍ଶ କରାଇଥିବାରୁ ସାମ୍ବାଦିକ ସଂଘ ପକ୍ଷରୁ ଧନୁଯାତ୍ରା କମିଟି ତଥା ଆୟୋଜକଙ୍କୁ ସାଧୁବାଦ ଜଣାଯାଇଛି। କାର୍ଯ୍ୟକ୍ରମକୁ ବିଘ୍ନେଶ୍ୱର ଆଚାରୀ, ଦୁର୍ଯ୍ୟୋଧନ ପୂଜାରୀ, କମଳ ପୂଜାରୀ, ବବି ବିଷୋୟୀ, ରତ୍ନାକର ପୂଜାରୀ, କୃଷ୍ଣ ପୂଜାରୀ, ଧୋନୀ ମାଝି, କୈଳାସ ବେହେରା, ଲଳିତ ପାଣ୍ଡେ, ହିରଣ୍ୟ ମରକାମ ପ୍ରମୁଖ ପରିଚାଳନା କରିଥିଲେ।


ମହାରାଜ କଂସଙ୍କ ଦରବାରରେ ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ଯୋଜନା ଓ ସଂଯୋଜନ ମନ୍ତ୍ରୀଙ୍କ ନବରଙ୍ଗପୁର ଗସ୍ତ

ଡାବୁଗାଁରେ ୮, ପାପଡ଼ାହାଣ୍ଡିରେ ୧୫ ପ୍ରକଳ୍ପର ଭୂମିପୂଜା

ଡାବୁଗାଁ/ପାପଡ଼ାହାଣ୍ଡି, ୨୮।୪ (ଡି.ଏନ୍.ଏ.)

ରାଜ୍ୟ ଯୋଜନା ଓ ସଂଯୋଜନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ଶୁକ୍ରବାର ନବରଙ୍ଗପୁର ଜିଲାର ଡାବୁଗାଁ ଓ ପାପଡ଼ାହାଣ୍ଡି ବ୍ଲକ ଗସ୍ତ କରିଛନ୍ତି। ସେ ସେଠାରେ ବିଭିନ୍ନ ପ୍ରକଳ୍ପର ଭୂମିପୂଜା କରିଛନ୍ତି।

ମନ୍ତ୍ରୀ ହେଲିକପ୍ଟର ଯୋଗେ ପୂର୍ବାହ୍ନ ୧୧.୩୦ରେ ଡାବୁଗାଁ ବ୍ଲକ ଚଚରାଗୁଡ଼ା ପଞ୍ଚାୟତ ଅଧୀନ କୁସୁମବନ୍ଧ ଗ୍ରାମର ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। କେଲିଆ ଶୈବପୀଠର ସୌନ୍ଦର୍ଯ୍ୟକରଣ, ଭୈରବ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଭୈରବ ମହାବିଦ୍ୟାଳୟର ରୂପାନ୍ତରଣ, ଡାବୁଗାଁରୁ ବୋରିଗାଁ ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ, ରାଜ୍ୟ ରାଜପଥ-୩୯ରୁ କୋଷଗୁମୁଡ଼ା ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା, ପିଡକ୍ଲୁଡି ରାସ୍ତାରୁ ଜୁନାପାଣି ଭାୟା ଦରଗୁଲା, ଜବାଗୁଡ଼ାରୁ ପରିଆବେଢ଼ା ରାସ୍ତା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଆର୍‌ଡି ରାସ୍ତାରୁ ପାପଡ଼ାହାଣ୍ଡି ବଳ ସୀମା ପର୍ଯ୍ୟନ୍ତ ରାସ୍ତା, ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଡାବୁଗାଁରୁ ଝରିଗାଁ ବ୍ଲକ ସୀମା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ନେଇ ଭୂମିପୂଜା କରାଯାଇଛି। କୁସୁମବନ୍ଧ ଗ୍ରାମର ମିନି ଷ୍ଟାଡିୟମର ଉନ୍ନତୀକରଣ ନିମନ୍ତେ ମନ୍ତ୍ରୀ ନିଜସ୍ୱ ବିଭାଗୀୟ ପାଣ୍ଠିରୁ ୨୫ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ।

ଅପରାହ୍ନ ୧. ୩୦ରେ ମନ୍ତ୍ରୀ ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ପଞ୍ଚାୟତ ସଦର ହାଇସ୍କୁଲ ପଡ଼ିଆରେ ହେଲିକପ୍ଟରରୁ ଓହ୍ଲାଇଥିଲେ। ମନ୍ତ୍ରୀଙ୍କୁ ବିଜେଡି ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବ୍ଲକର ୧୫ ପ୍ରକଳ୍ପର ଭୂମିପୂଜା କରିଥିଲେ। ବିଧାୟକଙ୍କ ପ୍ରଚେଷ୍ଟାରେ ଡାବୁଗାଁ ନିର୍ବାଚନମଣ୍ଡଳୀର ୪ଟି ସ୍ଥାନରେ ୧୨୦ କୋଟି ଟଙ୍କାର ଭୂମିପୂଜା କରାଯାଇଥିବା ସେ କହିଥିଲେ। ସେଠାରୁ ସେ କୋଷାଗୁମୁଡା ବ୍ଲକ ମିରମିଣ୍ଡାକୁ ଗସ୍ତ କରିଥିଲେ। ୩.୩୦ ସମୟରେ ସେମଳା ବାଲି ପଡିଆରେ ପହଞ୍ଚି ଉପସ୍ଥିତ ଲୋକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏମ୍‌ପି ରମେଶ ମାଝି ବିଜେଡି ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ କହିଥିଲେ। ଏମ୍‌ପି ଓ ସେ ଦୁହେଁ ଜିଲାର ଶଗଡ଼ର ବଳଦ, ଯେତେ କଷ୍ଟ, ବାଧା ଆସିଲେ ବି ଅଞ୍ଚଳର ସମସ୍ୟା ନେଇ ସରକାରଙ୍କୁ ଜଣାଇ ଏହାର ଉନ୍ନତୀକରଣ ଲାଗି ପ୍ରତିଜ୍ଞାବଦ୍ଧ ବୋଲି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ କହିଛନ୍ତି।

ନୂଆପଡ଼ା ଜିଲାର ଜିଲା ପରିଷଦ ସଭ୍ୟ ଅବନୀ ରଞ୍ଜନ ଜୋଷୀ, ନବରଙ୍ଗପୁର ଜିଲା ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ନିବେଦିତା ମହାନ୍ତି, ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଶୋୟୀ, ରାଜ୍ୟ ସଭା ସଦସ୍ୟଙ୍କ ପ୍ରତିନିଧି ରାମାରାଓ ଚୌଧୁରୀ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପାରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ମିଶ୍ର, ଡାବୁଗାଁ ପୂର୍ବତନ ଜିଲା ପରିଷଦ ସଭ୍ୟ ବିଜୟ ବେହେରା, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପାପଡ଼ାହାଣ୍ଡି ବ୍ଲକ ଅଧ୍ୟକ୍ଷା ହେମଲତା ମାଝି, ଉପଧ୍ୟକ୍ଷ ସୁଶାନ୍ତ ବେହେରା, ଭାନୁମତି ପୂଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଲାଗି ପାପଡାହାଣ୍ଡି ଏସ୍‌ଡିପିଓ ଆଦିତ୍ୟ ସେନ, ଥାନାଧିକାରୀ ଦୀପକ ଜେନାଙ୍କ ସହ ଅଗ୍ନିଶମ ବିଭାଗ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଦଳ ଛାଡ଼ି ୮ ଜଣ ବିଜେଡିରେ ମିଶିଥିଲେ।


ମନ୍ତ୍ରୀ ଡାବୁଗାଁରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

